# କରୋନା ସଂକ୍ରମିତ ଥିଲେ ବୋଥାମ୍ !

**ଲଣ୍ଡନ,୨ ୯।୬/ଏଜେନ୍ସି:** ବିଶ୍ୱରେ ଅଦ୍ୟାବଧି କରୋନା ଭୂତାଣୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଜୀବନ ନେଇସାରିଥିବା ବେଳେ ସର୍ବାଧିକ ଆକ୍ରାନ୍ତ ସୂଚୀରେ ଯୁକ୍ତରାଜ୍ୟ ପଞ୍ଚମ ସ୍ଥାନରେ ରହିଛି । ତେବେ କ୍ରିକେଟ୍ ଜଗତରେ ସର୍ବକାଳୀନ ଶ୍ରେଷ୍ଠ ଅଲ୍‌ରାଉଣ୍ଡର୍‌ଙ୍କ ମଧ୍ୟରେ ଅନ୍ୟତମ ବିବେଚିତ ହେଉଥିବା ଇଂଲଣ୍ଡର ଇଆନ୍ ବୋଥାମ୍ ପାଖାପାଖି ୬ ମାସ ତଳେ ଏହି ଘାତକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ ବୋଲି ଅନୁମାନ କରିଛନ୍ତି । ସେତେବେଳେ କେହି ବି ଏହି ଭୂତାଣୁ ବିଷୟରେ ଅବଗତ ନ ଥିଲେ । ସେ ଗତବର୍ଷ ଡିସେମ୍ବର ଶେଷ ସପ୍ତାହରୁ ୨୦୨୦ ଜାନୁଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଫ୍ଲୁଜନିତ ସମସ୍ୟା ଦେଇ ଗତି କରିଥିଲେ । କିନ୍ତୁ ସେତେବେଳେ କରୋନା ଭୂତାଣୁ ସମ୍ପର୍କରେ ବିଶେଷ କିଛି ଚର୍ଚ୍ଚା ହେଉ ନ ଥିବାରୁ ସେ ଏହାକୁ ଫ୍ଲୁଜନିତ ବ୍ୟାଧି ବୋଲି ଧରିନେଇଥିଲେ ବୋଲି ବୋଥାମ୍ ଏକ ଇଂରାଜୀ ଗଣମାଧ୍ୟମ ସହ ଆଲୋଚନା ବେଳେ କହିଛନ୍ତି । ତେବେ ବର୍ତ୍ତମାନ ସମୟରେ ଏହି ଭୂତାଣୁଜନିତ ସ୍ଥିତି ଉଦ୍‌ବେଗଜନକ ରହିଥିଲେ ହେଁ ଆଗାମୀ କିଛି ସପ୍ତାହରେ ଏହା ଥମିଯିବ ବୋଲି ବୋଥାମ୍ ଆଶା ପ୍ରକାଶ କରିଛନ୍ତି । ଏଥିପାଇଁ ସମସ୍ତ ବିଶ୍ୱବାସୀ ଧୈର୍ଯ୍ୟ ସହକାରେ ଅପେକ୍ଷା କରିବା ଉଚିତ ବୋଲି ବୋଥାମ୍ କହିଛନ୍ତି । ଆସନ୍ତା ଜୁଲାଇ ୮ରୁ କ୍ରିକେଟର୍‌ମାନେ ପଡ଼ିଆକୁ ଫେରୁଥିବାରୁ ଏହାପରେ କ୍ରିକେଟ୍ ସ୍ୱାଭାବିକ ହୋଇପାରିବ ବୋଲି ବୋଥାମ୍ ଆଶା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କ୍ରିକେଟ୍ ଏକ କଣ୍ଟାକ୍ଟ ଗେମ୍ ହୋଇ ନ ଥିବାରୁ ଏଥିରେ ସାମାଜିକ ଦୂରତା ବଜାୟ ରଖିବା ସମ୍ଭବପର ହୋଇପାରିବ । ତେଣୁ ଖୁବ୍ ଶୀଘ୍ର କ୍ରିକେଟ୍‌ରେ ସ୍ଥିତି ସ୍ୱାଭାବିକ ହେବ ବୋଲି ୬୪ ବର୍ଷୀୟ ବୋଥାମ୍ କହିଛନ୍ତି ।